# Akashvani, Sambalpur

## SAMBALPURI NEWS EVENING BULLETIN

## 14 February 2026-7.02- 7.12 pm.

---

୧- ସମୃଦ୍ଧ ଜିଲ୍ଲାନୁ - ସମୃଦ୍ଧ ଓଡ଼ିଶା ଗଠନ୍ ମନ୍ତ୍ରକେ ଆଧାର୍ କରିକରି ଆଗ୍‌କେ ବଢୁଛନ୍ ସର୍‌କାର୍ - କହେଲେ ମୁଖ୍ୟମନ୍ତ୍ରୀ ।

- କେନ୍ଦୁଝର୍ ଜିଲ୍ଲା ନ ୨ ଶହ ୮୭ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ।

୨- ହସ୍ତତନ୍ତ ଆଉ ସ୍ୱଦେଶୀ ଦରବ୍‌ର ପ୍ରଚାର୍‌ପ୍ରସାର୍ ଲାଗି ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ମୁଲ୍ ହେଲା ତୋଷାଳି ସ୍ୱଦେଶୀ ମେଲା ।

୩- ମନ୍ଦିର୍ ଭିତ୍‌ରେ ପ୍ଲାଷ୍ଟିକ୍ ବେଭାର୍ ଉପ୍‌ରେ କଟ୍‌କନା ଲଗାଲା ପ୍ରଦୂଷଣ୍ ନିୟନ୍ତ୍ରଣ ବୋର୍ଡ଼୍ ।

ଆଉର୍

୪- ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନାର୍ ୭ ବଛର୍‌ପୂର୍ତି ଅବ୍‌ସରେ ଶହୀଦ୍ ଯବାନ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନାଲେ ଦେଶ୍‌ବାସୀ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଜ୍ୟ ସର୍‌କାର୍ ସମୃଦ୍ଧ ଜିଲ୍ଲାନୁ ହିଁ ସମୃଦ୍ଧ ଓଡ଼ିଶା ଗଠନ୍ ମନ୍ତ୍ରକେ ଆଧାର୍ କରିକରି ଶିଳ୍ପ ଅନୁକୂଳ ନୀତି ଆଉ ମାନବ ସମ୍ବଲ୍‌ର ବିକାଶ୍ ଉପ୍‌ରେ ଜୋର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଧରଣୀଧର୍ ବିଶ୍ୱବିଦ୍ୟାଳୟ ପରିସର୍ ନ ଆଏଜ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶହେ କୋଟି ଟଙ୍କାର୍ ବୟନ ଶିଳ୍ପ ପାର୍କ ଆଉ ଶହେ ୮୭ କୋଟି ଟଙ୍କାର୍ ବିପର୍ଯ୍ୟୟ ପୁନରୁଦ୍ଧାର୍ ଆଉ ଡାଟା ସେଂଟର୍‌ର ଶିଳାନ୍ୟାସ୍ କରିକରି ଇଟା କହିଛନ୍ । ଇ ବୟନ ଶିଳ୍ପ ପାର୍କ ନ ବଛର୍‌କ ୨୪ ଲାଖ୍ ପୋଷାକ ଉତ୍ପାଦନ୍ କରାଯିବା । ଇତାର୍ ଜରିଏ ୧୨ ଶହ ଯୁଆନ୍ ପିଲା ଟୁକେଲ୍ ନିଯୁକ୍ତି ସୁଯୋଗ୍ ପାଇପାର୍‌ବେ । ଖୋବ୍ ଜଲ୍‌ଦି ଓଡ଼ିଶା ନ ଆହୁରି ବୟନ ଶିଳ୍ପ ପାର୍କ ଥାପ୍‌ନା କରାଯାଇକରି

ରାଜ୍ୟକେ ବୟନ ଶିଳ୍ପ କ୍ଷେତ୍ରର୍ ପାଓ୍ୱାର୍ ହାଉସ୍ ଭାବେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଆଝିରର୍ କାର୍ଯ୍ୟକ୍ରମ୍ଥି କେନ୍ଦୁଝର୍ ସାଂସଦ୍ ଅନନ୍ତ ନାୟକ୍ ଆଉ ବିଧାୟକ୍ମାନେ ଉପସ୍ଥିତ୍ ଥିଲେ ।

ତୋଷାଲୀ ସ୍ୱଦେଶୀ ମେଳା ଆଇ.ଆଣ୍ଡ୍.ପି.ଆର୍

ହସ୍ତତନ୍ତ ଆଉ ସ୍ୱଦେଶୀ ଦରବ୍ର ପ୍ରଚାର୍ ପ୍ରସାର୍ ଲକ୍ଷ୍ୟଥି ରାଜ୍ୟ ହସ୍ତତନ୍ତ ଆଉ ହସ୍ତଶିଳ୍ପ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଜନତା ମଇଦାନ୍ ନ ଆଏଜ୍ ଠାନୁ ତୋଷାଲୀ ସ୍ୱଦେଶୀ ମେଳା ମୁଲ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସଞ୍ଜ୍ବେଲେ ଇ ମେଳାକେ ଉଦ୍ଘାଟନ୍ କରିଛନ୍ । ସମାରୋହଥି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କର୍ ସହେତେ ଅଲ୍ଗା ଅତିଥି ମାନେ ଉପସ୍ଥିତ୍ ଅଛନ୍ । ଇ ବଛର୍ ମେଳାର୍ ବିଷୟବସ୍ତୁ ସ୍ୱଦେଶୀ ଆଉ ଆତ୍ମନିର୍ଭର୍ ଭାରତ୍ ରଖାଯାଇଛେ । ୨୬ ତାରିଖ୍ତକ୍ ହେବାର୍କେ ଥିବା ମେଳାଥି ଓଡ଼ିଶା ସହେତେ ଦେଶର୍ ୨୦ ଟା ରାଜ୍ୟର୍ କାରିଗର୍,

ବୁଣାକାର୍‌ମାନେ ଯୋଗ୍ ଦେବାର୍ ସହେତେ ସେମାନ୍‌କର୍ ତିଆର୍ ଦରବ୍ ପ୍ରଦର୍ଶନ୍ ହେଉଛେ ।

ରେଡ଼ିଓ ପ୍ରସାରକ-ଦକ୍ଷତା ବୃଦ୍ଧି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ରେଡ଼ିଓ ପ୍ରସାରକମାନ୍‌କର୍ ଲାଗି ଗୁଟେ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା ହେଇଯାଇଛେ । ରାଜ୍ୟର୍ ସବୁ ଯୋଗ୍ୟ ନାଗରିକଙ୍କୁ ଭୋଟର୍ ତାଲିକାଥି ସାମିଲ୍ କର୍‌ବାର୍ ଆଉ ଫଟିକ୍ ନିର୍ବାଚନ୍ ପ୍ରକ୍ରିୟା ଲକ୍ଷ୍ୟଥି ଇ କର୍ମଶାଳାର୍ ଆୟୋଜନ୍ କରାଯାଇଛେ । କର୍ମଶାଳାଥି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ ଏସ୍‌ଆଇଆର୍ ବାବ୍‌ଦେ ଜୋର୍ ଦେଇଥିଲେ । ଗଣତନ୍ତ୍ରକେ ବର୍‌କସ୍ କର୍‌ବାର୍ ଲାଗି ଫି ଯୋଗ୍ୟ ଭାରତୀୟ ନାଗରିକଙ୍କର୍ ନାଁ ଭୋଟର୍ ତାଲିକାଥି ରହେବାର୍ ଜରୁରୀ ଆଏ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

ଗ୍ରାମ୍ୟଉନ୍ନୟନ୍ ମନ୍ତ୍ରୀ ସମୀକ୍ଷା        ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଗ୍ରାମାଂଚଲ୍ ବିକାଶ୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଲାଗି ପଂଚାୟତିରାଜ୍, ପାନୀୟଜଳ ଆଉ ଗ୍ରାମ୍ୟଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାୟକଙ୍କର୍ ଅଧକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଆଉ ଗୋଷ୍ଠୀ ଉନ୍ନୟନ୍ ଅଧିକାରୀମାନ୍‌କର୍ ସାଙ୍ଗେ ବିଭାଗ୍‌ର ଯୋଜ୍‌ନାମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଖାସ୍ କରି ବିକଶିତ ଗାଁ-ବିକଶିତ୍ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା, ମନରେଗା ଆଉ ଗ୍ରାମୀଣ ସଂଯୋଗୀକରଣ୍ ପ୍ରକଳ୍ପ ମାନ୍‌କୁ ଅଏତ୍‌କା ଜୋର୍ ଦିଆଯାଇଥିଲା । ଲୁକେ ସେମାନ୍‌କର୍ ସମସ୍ୟା ଜନଉନ୍, ଦର୍‌କାର୍ ପଡ୍‌ଲେ ନିଜେ ଯାଇକରି ପ୍ରକଳ୍ପ ପରିଦର୍ଶନ୍ କର୍‌ବେ ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଆଧାର୍ ଶୁଣାଣି        ଆଇ.ଆଣ୍ଡ୍.ପି.ଆର୍

ଆଧାର୍ ପରିଚୟ ପତ୍ର ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ୍ ତର୍‌ଫୁ ଆଏବା ସୋମ୍‌ବାର୍ ଦିନ୍‌ଠାନୁ ଅଭିଯୋଗ୍ ଶୁଣାଣି ମୁଲ୍ ହେବା । ଇଥିର୍‌ଲାଗି ଓକାକ୍ ପୋର୍ଟାଲ୍ ocac.in ଥି ରେଜିଷ୍ଟ୍ରେସନ୍ କରାଯାଇପାର୍‌ବା । ଇଚ୍ଛୁକ୍ ଲୁକେ ସେମାନ୍‌କର୍ ଆଧାର୍ ବାବଦ୍ ଭିନ୍ ଭିନ୍ ଅଭିଯୋଗ୍‌କେ ପୋର୍ଟାଲ୍‌ଥି ପଞ୍ଜିକରଣ୍ କରିପାର୍‌ବେ । ତାର୍ ଉତ୍‌ରୁ ପଞ୍ଜିକରଣ୍ ସ୍ୱୀକାର୍ ପତ୍ର ସଙ୍ଗେ ଓକାକ୍ କାର୍ଯ୍ୟାଳୟର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଅଭିଯୋଗ୍ କରିପାର୍‌ବେ ବଲି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ମନ୍ଦିର୍‌କେ ପ୍ଲାଷ୍ଟିକ୍ ମନା ହି.ସ.

ମନ୍ଦିର୍ ପରିସର୍‌କେ ପଲିଥିନ୍ କି ପ୍ଲାଷ୍ଟିକ୍ ବେଗ୍‌ଥି ଭୋଗ୍ ନେବାର୍ ଉପ୍‌ରେ ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ୍ ତର୍‌ଫୁ କଟ୍‌କନା ଜାରି କରାଯାଇଛେ । ପୂଜା ଦରବ୍, ପ୍ରସାଦ୍ କି ଖାଏବାର୍ ଜିନିଷ୍ ମନ୍ଦିର୍‌କେ ନେବାର୍ ଲାଗି ଏକକ ବ୍ୟବହାର୍ ପ୍ଲାଷ୍ଟିକ୍ ବେଭାର୍‌କେ ମନା କରାଯାଇଛେ । ଇତାର୍‌ବଦ୍‌ଲେ ବାଉଁଶ୍

ଚାଙ୍ଗ୍ରି, ଦନା କି ଫେର୍ଘାଏ ବେଭାର୍ କରିହେଉଥିବା ପ୍ଲାଷ୍ଟିକ୍ ଚାଙ୍ଗ୍ରି ଜରିଏ ଭକ୍ତମାନେ ମନ୍ଦିର୍‌କେ ପ୍ରସାଦ୍ ଦରବ୍ ନେଇପାର୍‌ବେ । ଦୁକାନୀମାନେ ଭିଲ୍ ମନ୍ଦିର୍ ଭିତ୍‌ରେ କି ତାର୍ ଆଖର୍‌ପାଖର୍ ଇଲାକା ନ ପ୍ଲାଷ୍ଟିକ୍ ବେଭାର୍ କରିନାଇଁପାରନ୍ । ଇତାର୍‌ସହେତେ ମନ୍ଦିର୍ ପରିସର୍ ନ ଥିବା ବନ୍ଧ୍ କି ଜଲାଶୟ ନ ନୈବେଦ୍ୟ ବିସର୍ଜନ୍ ବ୍ୟବସ୍ଥା କରାଯିବା ବଲି ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ଼୍ ତର୍‌ଫୁ କୁହାଯାଇଛେ ।

ମହଶିବରାତ୍ରୀ- ଲୋକନାଥ ପୀଠ          ପୁରୀ/ ଭୁବ୍‌ନେଶ୍ୱର୍

ମହଶିବରାତ୍ରୀର୍ ଲାଗି ପୁରୀ ଶ୍ରୀ ଲୋକନାଥ ପୀଠ ନ ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ । ଆଏଜ୍ ରାତିର୍ ୧୨ ବଜେନୁ ଦ୍ୱାର ଫିଟା ଉତ୍‌ରୁ ମଙ୍ଗଲ୍ ଆଲ୍‌ତୀ, ମଇଲମ ଆଉ ଅବକାଶ ନୀତିକାନ୍ତି କରାଯିବା । ପହପହ ୩ ବଜେନୁ ଶ୍ରୀ ଲୋକନାଥ ଦେବଙ୍କର୍ ସର୍ବସାଧାରଣ ଦର୍ଶନ୍ ମୁଲ୍ ହେବା । ରଏବାର୍ ରାତି ହରିହର ଭେଟ୍ ଉତ୍‌ରୁ ଲୋକନାଥ ମନ୍ଦିର୍ ଚୂଡ଼ାନୁ ମହାଦୀପ ଉଠ୍‌ବା । ସେଆଡ଼େ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର୍ ମହା ଶିବରାତ୍ରୀ ନୀତି ନିର୍ଘଂଟକେ ସାମଏନ୍

ବଦ୍‌ଲାୟାଇଛେ । ମହାଦୀପ ରାତିର୍ ୧୦ ବଜେ ଉଠ୍‌ବାର୍ ଉତ୍ରୁ ୪ ପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଆଉ ପହଡ଼ ନୀତି, ସୋମ୍‌ବାର୍ ପହ ପହ ବେଲ୍‌କେ ହେବା ।

ପୁଲ୍‌ୱାମା ଆକ୍ରମଣ୍ -୭ ବଛର୍      ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଜମ୍ମୁ କାଶ୍ମୀର୍‌ର ପୁଲ୍‌ୱାମା ଠାନେ ହେଇଥିବା ଆତଙ୍କ୍‌ବାଦୀ ଆକ୍ରମଣ୍ ଘଟ୍‌ନାକେ ଆଏଜ୍ ୭ ବଛର୍ ପୁରିଛେ । ଆକ୍ରମଣ୍‌ଥି ୪୦ ଝନ୍ ସିଆର୍‌ପିଏଫ୍ ଜବାନ୍ ଶହୀଦ୍ ହେଇଥିଲେ । ଘଟ୍‌ନାକେ ଭାରତ୍ ଇତିହାସ୍‌ଥି ଗୁଟେ କଲାଦିନ୍ ଭାବେ ବର୍ଣ୍ଣନା କରାୟାଇଛେ । ପୁଲ୍‌ୱାମା ଆକ୍ରମଣ୍‌ର ଶହୀଦ୍ ୟବାନ୍ ମାନ୍‌କୁ ଆଏଜ୍ ସାରା ଦେଶେ ଶ୍ରଦ୍ଧାଞ୍ଜଳି ଦିଆୟାଉଛେ । ପୁଲ୍‌ୱାମା ଶହୀଦ୍ ମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ୟବାନ୍ ମାନ୍‌କର୍ ସମର୍ପଣ୍, ସଂକଳ୍ପ ଆଉ ଦେଶ୍ ଲାଗି ସେବା ଦେଶ୍‌ବାସୀଙ୍କର୍ ମନ୍ ଭିତ୍‌ରେ ସବୁ ଦିନ ରହେବା । ୟବାନ୍ ମାନ୍‌କର୍ ବଳିଦାନ୍ ଆଉ ଦେଶ୍ ଲାଗି ଅତୁଟ୍ ସମର୍ପଣ୍‌କେ ଆଏବା ପିଢ଼ି କେଭେଭିଲ୍ ଭୁଲି ନାଇଁପାରେ ବଲି ପ୍ରଧାନ୍‌ମନ୍ତ୍ରୀ

କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପୁଲ୍ୱାମା ଶହୀଦ୍ ମାନ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଶହୀଦ୍ମାନ୍କର୍ ଦେଶ୍ ଲାଗି ସମର୍ପଣ୍ ସବୁବେଲେ ସୁର୍ତା ହେଇ ରହେବା ବଲି କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ପୁଲ୍ୱାମା ଶହୀଦ୍ ମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ବୀର ଯବାନ୍ ମାନ୍କର୍ ଅଦମ୍ୟ ସାହସ୍ ଆଉ ରାଷ୍ଟ୍ର ଲାଗି ସମର୍ପଣ୍ ସବୁ ଭାରତୀୟଙ୍କର୍ ଭିତ୍ରେ ଜାଗ୍ରତ୍ ହେଇକରି ରହିଛେ ବଲି କହିଛନ୍ ।

କେନ୍ଦ୍ର କେବିନେଟ୍ ବୈଠକ୍-ଅଶ୍ୱିନୀ ବୈଷ୍ଣବ୍ ଏନ୍ଏସ୍ଡି

ନୂଆଦିଲ୍ଲୀର୍ ସାଉଥ୍ବ୍ଲକ୍ ନ ଗଲାକାଏଲ୍ କେନ୍ଦ୍ର କେବିନେଟ୍ର ଶେଷ୍ ବୈଠକ୍ ହେଇଥିଲା । ବୈଠକ୍ଥି ସହରାଂଚଲ୍ ଆହ୍ୱାନ୍ ପାଣ୍ଠି ଲାଗି ୧ ଲାଖ୍ କୋଟି ଟଙ୍କାର୍ କେନ୍ଦ୍ରୀୟ ସହାୟତା ଅନୁମୋଦନ୍ କରାଯାଇଛେ । ଆଏବା ୫ ବଛର୍ ଭିତ୍ରେ ସରକାର ସହରୀ ବିକାଶ ଲାଗି ୪ ଲାଖ୍ କୋଟି ଟଙ୍କା ଖର୍ଚ୍ଚା କର୍ବାର୍କେ ଯୋଜ୍ନା କରିଛନ୍ ବଲି କେନ୍ଦ୍ର ସୂଚ୍ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ଗଣମାଧ୍ୟମ୍କେ

ସୂଚ୍‌ନା ଦେଇଛନ୍ । ସେନ୍ତା ଦେଶର୍ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କେ ଆହୁରି ବର୍‌କସ୍ କର୍‌ବାର ଲାଗି ସରକାର ଷ୍ଟାର୍ଟ ଅପ୍ ଇଣ୍ଡିଆ ପାଣ୍ଠିକେ ୧୦ ହଜାର କୋଟି ଟଙ୍କାର୍ କର୍ପସ୍ ପାଣ୍ଠି ଯୁଗେଇ ଦେଇଛନ୍ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ଏକଲବ୍ୟ ବିଦ୍ୟାଳୟ-ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଏକଲବ୍ୟ ମୋଡ଼େଲ୍ ଆବାସିକ ବିଦ୍ୟାଳୟ ପରିଚାଳନାକେ ନେଇକରି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ବିଦ୍ୟାଳୟକେ ନେଇକରି ରହିଥିବା ଭିନ୍ ଭିନ୍ ସମସ୍ୟାର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଧେୟକ/ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍ ନ ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଧେୟକ -୨୦୨୬ ପାରିତ୍ ହେଇଯାଇଛେ । ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଉତ୍‌ରୁ

ଇ ବିଲ୍ ଆଇନ୍‌ଥି ବଦ୍‌ଲିବା । ଇ ବିଲ୍‌ଥି ଶ୍ରମିକ୍‌ମାନ୍‌କୁ ସର୍ବନିମ୍ନ ମଜୁରୀ ଦେବାର୍ ସହେତେ ଗୁଟେ ଧାରିଜ୍ ସର୍ବନିମ୍ନ ମଜୁରୀ କମ୍ କର୍‌ବାର୍‌କେ ରାଜ୍ୟମାନ୍‌କୁ ଅନୁମତି ନାଇଁ ଦେବାର୍ ବାଗିର୍ ବ୍ୟବସ୍ଥା କରାଯାଇଛେ ।

ବୋର୍ଡ଼ ପରୀକ୍ଷା ପରିଚାଳନା ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ନିର୍ଭୁଲ୍ ଆଉ ସୁରୁଖୁରୁଥି ପରୀକ୍ଷା ପରିଚାଳନା ଲାଗି ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ସହରର୍ ପିଏମ୍‌ଶ୍ରୀ ସର୍‌କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଗୁଟେ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ମାଧମିକ ଆଉ ଉଚ୍ଚମାଧମିକ ବୋର୍ଡ଼ ପରୀକ୍ଷା ଲାଗି କେନ୍ଦ୍ର ପରିଚାଳକ, ପର୍ଯ୍ୟବେକ୍ଷକ, ପ୍ରଶ୍ନପତ୍ର ପ୍ରେରଣ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ଅଧକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକ୍ ଯୋଗ୍ ଦେଇଥିଲେ ।

ଅଟଳ ବୟୋ ଅଭ୍ୟୁଦୟ ଯୋଜ୍‌ନା ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ଡିଏମ୍ଏଫ୍ ପ୍ରେକ୍ଷାଳୟ ପରିସର୍ ନ ଅଟଳ ବୟୋ ଅଭ୍ୟୁଦୟ ଯୋଜ୍ନା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଜିଲ୍ଲାପାଲ୍ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ବରିଷ୍ଠ ନାଗରିକଙ୍କର୍ କଲ୍ୟାଣ୍ ବାବ୍ଦେ ଆଲୋଚନା କରାଯାଇଥିଲା । ଯୋଜ୍ନାର୍ ଉଦ୍ଦେଶ୍ୟ, ଲାଭ୍ ଆଉ ପଞ୍ଜିକରଣ୍ ପ୍ରକ୍ରିୟା ବାବ୍ଦେ ବରିଷ୍ଠ ନାଗରିକମାନ୍କୁ ସଚେତନ୍ କରାଯାଇଥିଲା ।

ଜିଲ୍ଲାପାଲ୍ ସମୀକ୍ଷା          ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଆଉ ଉନ୍ନୟନ୍ କାମ୍ ମାନ୍କର୍ ରୂପରେଖ ତିଆର୍ କର୍ବାର୍ ଲାଗି ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନ୍କର୍ ସହେତେ ଆଲୋଚନା ବୈଠକ୍ କରିଛନ୍ । ସମୃଦ୍ଧ ଓଡ଼ିଶା ୨୦୩୬ ଅଭିଯାନ୍ ଅଧୀନ୍ଥି ଜିଲ୍ଲାର୍ ବିକାଶ୍କେ ତୁରତି କର୍ବାର୍ ଲାଗି ଭିନ୍ ଭିନ୍ କ୍ଷେତ୍ର ନ

୨୫ ଟା ଶ୍ରେଷ୍ଠ ପ୍ରକଳ୍ପ ଚିହ୍ନଟ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମେରା ଯୁବା ଭାରତ୍ -କର୍ମଶାଳା          ଦେବ୍‌ଗଡ଼୍ ସମ୍ବାଦଦାତା

ମେରା ଯୁବା ଭାରତ୍ ଦେବ୍‌ଗଡ଼୍ ଶାଖା ତର୍‌ଫୁ ଜିଲ୍ଲାର୍ ଆଡ଼ଶ ପଂଚାୟତ୍ ନ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜନା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା କେନ୍ତାକରି ଲୋକ୍‌ମାନ୍‌କର୍ ପାଖେ ପୁହୁଁଚିପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ହାପ୍ ମାରାଥନ      ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ହୀରାକୁଦ୍ ଡାଇକ୍ ଇଲାକା ନ ଆଏବା କାଏଲ୍ ଅନ୍ତର୍ଜାତୀୟ ହାପ୍ ମାରାଥନ୍‌ର ଆୟୋଜନ୍ କରାଯାଉଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମାରାଥନ୍‌ର ଉଦ୍‌ଘାଟନ୍ କର୍‌ବେ ।

ପର୍ଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପର୍ଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ଥି ଆଏଜ୍ ସୁନ୍ଦର୍‌ଗଡ଼୍ ଆଉ ବର୍‌ଗଡ଼୍ ଦଲ୍ ଭିତ୍‌ରେ ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ଖେଲାଯାଇଥିଲା । ସୁନ୍ଦରଗଡ଼୍ ଦଲ୍ ୧/ଶୂନ୍ ଗୋଲ୍‌ଥି ବର୍‌ଗଡ଼୍ ଦଲ୍‌କେ ହରେଇକରି ଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ଝାର୍‌ସୁଗୁଡ଼ା ଆଉ ସୁନ୍ଦର୍‌ଗଡ଼୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା ।